## ଦୁର୍ଘଟଣାରେ କାର୍ ଚାଳକ ଆହତ

**ମାଧପୁର:** ଆଠମଲ୍ଲିକ-ମାଧପୁର ପୂର୍ତ୍ତ ରାସ୍ତାର ଗଦାଧରପୁର ଗ୍ରାମ ଛକ ନିକଟରେ ଗୁରୁବାର ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକ ଆହତ ହୋଇଛନ୍ତି। ଆଠମଲ୍ଲିକରୁ ମାଧପୁର ଅଭିମୁଖେ ଆସୁଥିବା ସମୟରେ ଗାଡ଼ିଟି ରାସ୍ତା ତଳକୁ ଖସି ପଡ଼ିଥିଲା। ଗାଡ଼ିରେ ଚାଳକଙ୍କ ବ୍ୟତୀତ ଅନ୍ୟ କେହି ନ ଥିଲେ। ଖବରପାଇ ଆଠମଲ୍ଲିକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ପକ୍କା ଅପେକ୍ଷାରେ ୧୦ ପଥ

- ହଇରାଣ ହେଉଛନ୍ତି କିଶୋରନଗର ବ୍ଲକର ୬ ପଞ୍ଚାୟତବାସୀ
- ପାଣି, କାଦୁଅ ଯୋଗୁ ଚାଲିକରି ଯିବା ହୋଇପଡ଼ିଛି କଷ୍ଟକର
- ଜଙ୍ଗଲାଞ୍ଚଳ ହୋଇଥିବାରୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ


ବଣିନାଳୀଠାରୁ ଅର୍ଜୁନଧରାକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି।

**ବଇଣ୍ଡା, ୧୭ (ପରିକ୍ଷିତ ସାହୁ)**

ଗ୍ରାମାଞ୍ଚଳର ସହରୀକରଣ ଚାଲିଛି। କେଉଁଠି କଂକ୍ରିଟ ତ ଆଉ କେଉଁଠି ପିଚୁ ରାସ୍ତା ନିର୍ମାଣ କରାଯାଇ ମୁଖ୍ୟ ସଡ଼କ ସହ ଯୋଡ଼ାଯାଉଛି। ବସୁଧା ଯୋଜନାରେ ବିଶୁଦ୍ଧ ପାଇପ୍ ପାଣି ଯୋଗାଇ ଦେବାକୁ ପ୍ରକଳ୍ପମାନ ନିର୍ମାଣ କରାଯାଉଛି। ବିଦ୍ୟୁତ୍ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ହେଲେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ୬ଟି ପଞ୍ଚାୟତର ୨୫ ଗ୍ରାମବାସୀ ଗମନାଗମନ କ୍ଷେତ୍ରରେ ବର୍ଷ ବର୍ଷ ଧରି ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ ସମସ୍ୟା ଦୂର କରାଯାଉ ନାହିଁ। ଏସବୁ ପଞ୍ଚାୟତରେ ଥିବା ୧୦ଟି ମାଟି ରାସ୍ତାକୁ ପକ୍କା କରିବାକୁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରାଯାଉଛି। କିନ୍ତୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

କିଶୋରନଗର ବ୍ଲକ ଧଡରପାଳ ପଞ୍ଚାୟତର କତଡା ଠାରୁ ଟେଣ୍ଟୁଲିଖୋଲ ଯାଏ ୫ କିଲୋମିଟର ମାଟି ରାସ୍ତା ଶୋଚନୀୟ ହୋଇରହିଛି। ଏହା ଉପରେ ୨ ଶହ ଲୋକ ନିର୍ଭର କରୁଥିଲେ ମଧ ଏହାକୁ ମରାମତି କି ପକ୍କା କରାଯାଉ ନାହିଁ। ବିଶେଷକରି ରାସ୍ତାରେ ପଡୁଥିବା ପାହାଡ଼କୁ କାଟି ଭଲ ସଡ଼କଟିଏ ନିର୍ମାଣ କରିବା ପାଇଁ ଗ୍ରାମବାସୀ ବହୁ ବର୍ଷ ହେବ ଦାବି କରିଆସୁଥିବା ବେଳେ କୌଣସି ସୁଫଳ ମିଳୁନାହିଁ। ସେହିପରି ହଣ୍ଡପା ପଞ୍ଚାୟତର ବଣିନାଳୀଠାରୁ ଅର୍ଜୁନଧରା ୩ କିଲୋମିଟର ରାସ୍ତା କଦର୍ଯ୍ୟ ଅବସ୍ଥାରେ ରହିଛି। ଏହା ଉପରେ ସୋଲଣ୍ଡା, ଡଙ୍ଗାଧର, ଅର୍ଜୁନଧରା ଆଦି ଗ୍ରାମର ୧୫ଶହ ଲୋକ ନିର୍ଭରଶୀଳ। ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ୧୫ ମେ ୨୦୧୭ ଓ ୨୧ ଏପ୍ରିଲ ୨୦୧୯ରେ ଜିଲାପାଳ ଏବଂ ସ୍ଥାନୀୟ ବିଧାୟକଙ୍କୁ ଦାବିପତ୍ର ଦେଇଥିଲେ ମଧ ଏଯାଏ ପଦକ୍ଷେପ ନିଆଯାଇ ନାହିଁ। ପ୍ରତାପପୁର ଠାରୁ ଭାୟା ନୂଆଁ ବାଲିଖମଣ ଦେଇ ୩ କିଲୋମିଟର, ପ୍ରତାପପୁର ଠାରୁ ନୂଆଁ ଖୋଲାରେଗେଡ଼ା ୨ କିଲୋମିଟର ଓ ହିଣ୍ଡିରିଡାଠାରୁ ଖୋଲାରେଗେଡ଼ା ୪ କିଲୋମିଟର ରାସ୍ତା ପାଣି କାଦୁଅରେ ଭରିରହିଛି। ଜଙ୍ଗଲ ଅଧୁଷିତ ଅଞ୍ଚଳ ହୋଇଥିବାରୁ ଏହି ରାସ୍ତାଗୁଡ଼ିକର ଉନ୍ନତୀକରଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଉରୁକୁଳା ପଞ୍ଚାୟତର ଉରୁକୁଳାରୁ ଘନପୁର ୨ କିଲୋମିଟର ମାଟି ରାସ୍ତାକୁ ପକ୍କା କରାଯାଉ ନାହିଁ। ଆମ୍ରପାଳ ପଞ୍ଚାୟତ ନିକଟରେ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥରୁ ଖଇରମୁଣ୍ଡା ଦେଇ ବାଦ୍ରିନାଳୀ ଗ୍ରାମକୁ ସଂଯୋଗ କରୁଥିବା ୩ କିଲୋମିଟର ମାଟି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ନିମନ୍ତେ ଖଇରାମୁଣ୍ଡା ଗ୍ରାମବାସୀ ୨୧ ଏପ୍ରିଲ ୨୦୧୭ରେ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ। ଏଥିସହ ପୁସିଂ ବ୍ରିଜ ତଳେ ୨ ଫୁଟର ବର୍ଷା ପାଣି ଜମି ରହୁଥିବାରୁ ତାହାର ପ୍ରତିକାର ଦାବି କରିଥିଲେ। କିନ୍ତୁ ସେ ଦିଗରେ ପଦକ୍ଷେପ ନିଆଯାଇ ନାହିଁ। କଣ୍ଟେଇକୋଲିଆ ପଞ୍ଚାୟତର କଣ୍ଟେଇକୋଲିଆ ଠାରୁ ଭାୟା ଦେହୁରିସାହି, ଦଳିତସାହି ଦେଇ ଚାରିଖମଣ ପର୍ଯ୍ୟନ୍ତ ୫ କିଲୋମିଟର, ଚାରିଖମଣରୁ ଭାଲିଆତଇଳା ୩ କିଲୋମିଟର ରାସ୍ତା ଶୋଚନୀୟ ହୋଇରହିଛି। ନାକିଚି ପଞ୍ଚାୟତ କମରେଇଠାରୁ ଭାୟା ଟକବା ଦେଇ ଉଡଲ ୧୩ କିଲୋମିଟର ରାସ୍ତାକୁ ମଧ ପକ୍କା କରିବାକୁ ଦାବି ହେଉଛି। ଏହି ରାସ୍ତାଟି ଜଙ୍ଗଲ ବିଭାଗ ଅଧୀନରେ ଥିବାବେଳେ ଆରଡ଼ି କିମ୍ବା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେଉନାହିଁ। ଟକବା ଠାରେ ଜଙ୍ଗଲ ବିଭାଗର ଏକ ବଙ୍ଗଳା ଥିବାବେଳେ ପିକ୍‌ନିକ୍ ସମୟରେ ସେଠାକୁ ବହୁ ପର୍ଯ୍ୟଟକ ଆସନ୍ତି। ହେଲେ ରାସ୍ତା କଦର୍ଯ୍ୟ ଯୋଗୁ ଅସନ୍ତୋଷ ଦେଖାଦେଉଛି। ଏ ନେଇ ଉଡଲ ଗ୍ରାମବାସୀ ୨୩ ମେ ୨୦୧୫ରେ ଏକ ଦାବିପତ୍ର ଜଙ୍ଗଲ ବିଭାଗର ଉଚ୍ଚଅଧିକାରୀଙ୍କୁ ଦେଇଥିଲେ ମଧ ସୁଫଳ ମିଳୁନାହିଁ। ଉପରୋକ୍ତ ୧୦ଟି ମାଟି ରାସ୍ତାକୁ ତୁରନ୍ତ ପକ୍କା କରିବା ଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

### ଜଙ୍ଗଲ ବିଭାଗର ଅବହେଳା



“ଉଡଲକୁ ସଂଯୋଗ କରୁଥିବା ରାସ୍ତା ଜଙ୍ଗଲ ବିଭାଗ ଅଧୀନରେ ରହିଛି। ଏହାକୁ ପକ୍କା କରିବା ନିମନ୍ତେ ଆବଶ୍ୟକ ପରିବେଶ ମଞ୍ଜୁରୀ ମିଳୁନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

-ଅନୁପମା ସାହୁ, ନାକିଚି

### କେବଳ ଅଭିଯୋଗ କରିଚାଲିଛୁ



“ଉରୁକୁଳା ଠାରୁ ଘନପୁର ପର୍ଯ୍ୟନ୍ତ ମାଟି ରାସ୍ତାକୁ ପିଚୁ କରିବାକୁ ବହୁବାର ସ୍ଥାନୀୟ ଲୋକ ପ୍ରତିନିଧି, ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। କିନ୍ତୁ ପଦକ୍ଷେପ ନିଆଯାଉ ନ ଥିବାରୁ ୩ଟି ଗ୍ରାମବାସୀ ହଇରାଣ ହରକତ ହେଉଛନ୍ତି।

-ବଂଶୀଧର ସେଠୀ, ଉରୁକୁଳା

### ପୁସିଂ ବ୍ରିଜ୍‌ରେ ପାଣି ଜମୁଛି



“୫୫ନଂ. ଜାତୀୟ ରାଜପଥରୁ ବାଦ୍ରିନାଳୀ ଗ୍ରାମକୁ ଯାଇଥିବା ମାଟି ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ବର୍ଷା ହେଲେ ଏଠାରେ ଥିବା ପୁସିଂ ବ୍ରିଜ୍‌ରେ ୨ ଫୁଟ ଉଚ୍ଚର ପାଣି ଜମି ରହୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ କରୁନାହିଁ।

-ନିରାକାର ସାହୁ, ଖଇରମୁଣ୍ଡା

### ରାତିରେ ଭୟ ବଢ଼ୁଛି



“ଜଙ୍ଗଲ ଅଧୁଷିତ କଣ୍ଟେଇକୋଲିଆ ପଞ୍ଚାୟତରେ ଥିବା ମାଟି ରାସ୍ତାର ଉନ୍ନତି କରାଯାଉନାହିଁ। ଫଳରେ ରାତିରେ ଜଙ୍ଗଲଜନ୍ତୁଙ୍କ ଭୟ ସହ କଦର୍ଯ୍ୟ ରାସ୍ତାରେ ଲୋକେ ଯିବାକୁ ବାଧ ହେଉଛନ୍ତି। ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ।

-ଅମାତ କୁମାର ସାହୁ, କଣ୍ଟେଇକୋଲିଆ

### ମେଡିକାଲ ଯିବାକୁ ହଇରାଣ ହେଉଛୁ



“ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅରେ ଭରିଯାଉଛି। ପାଦରେ ଚାଲିକରି ଯିବା ମଧ କଷ୍ଟକର ହୋଇପଡୁଛି। ଏପରି ଅବସ୍ଥାରେ ରୋଗୀଙ୍କୁ ଠିକ୍ ସମୟରେ ମେଡିକାଲରେ ପହଞ୍ଚାଇବାକୁ ହଇରାଣ ହେବାକୁ ପଡୁଛି।

-ଦିଲୀପ କୁମାର ପ୍ରଧାନ, ଅର୍ଜୁନଧରା

### ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯିବ



“କିଶୋରନଗର ବ୍ଲକରେ ଅନେକ ମାଟି ରାସ୍ତା ରହିଛି। ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରଶାସନ ନଜରକୁ ଆସିଛି। ସେଗୁଡ଼ିକୁ ଚିହ୍ନଟ କରାଯାଇ ପିଚୁ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯିବ।

-ଶ୍ୟାମଳ କୁମାର ରାୟ, ବିଡିଓ, କିଶୋରନଗର

## ସଂକ୍ଷେପରେ

### ଥାନା ଅଧିକାରୀସ୍ତରରେ ଅଦଳବଦଳ

**ଅନୁଗୋଳ ଅଫିସ, ୧୭:** ଅନୁଗୋଳ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ଗୁରୁବାର ଥାନା ଅଧିକାରୀ ସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ଏ ନେଇ ନଂ-୧୪୫୨/୧୭।୨୦୨୧ରେ ଅବଗତ କରାଯାଇଛି। କିଆକଟା ଥାନା ଇନ୍ସପେକ୍ଟର ଓନମ ଲାକ୍ରାଙ୍କୁ ରେଙ୍ଗାଲି ଥାନାକୁ ବଦଳି କରାଯାଇଥିବା ବେଳେ ସରୋଜକାନ୍ତ ସାମଲଙ୍କୁ ରେଙ୍ଗାଲି ଥାନାରୁ ଜରପଡ଼ା ଥାନା, ପ୍ରଦୀପ କୁମାର ପ୍ରଧାନଙ୍କୁ ଜରପଡ଼ା ଥାନାରୁ ହଣ୍ଡପା ଥାନା, ଲବ ବୋଡ଼ାଙ୍କୁ ହଣ୍ଡପା ଥାନାରୁ ସମଲ ଥାନା, ଚାରୁଲତା ବେହେରାଙ୍କୁ ସମଲ ଥାନାରୁ ପୁରୁଣାକୋଟ ଥାନା, ପ୍ରିୟବ୍ରତ ଦାଶଙ୍କୁ ଆଠମଲ୍ଲିକ ଥାନାରୁ ନିଶା ଥାନା, ପ୍ରୀତିମଞ୍ଜରୀ ମେଣ୍ଡୁଲିଙ୍କୁ ନିଶା ଥାନାରୁ ଖମାର ଥାନା, ନିରୋଦ ଦାଶଙ୍କୁ ଖମାର ଥାନାରୁ ଆଠମଲ୍ଲିକ ଥାନା, ଅନୁଗୋଳ ଅତିରିକ୍ତ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଧୀରେନ କୁମାର ବେହେରାଙ୍କୁ ଛେଣ୍ଡିପଦା ଥାନା ଓ ପୁରୁଣାକୋଟ ଥାନା ଓଆଇସି ବିକ୍ରମ ଜୟପୁରୀୟାଙ୍କୁ କିଆକଟା ଥାନା ଓଆଇସି ଭାବେ ବଦଳି କରାଯାଇଛି।

### ୭୮ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୭:** ଅନୁଗୋଳ ଜିଲାରୁ ଗୁରୁବାର ୭୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍‌ଙ୍କ ସଂଖ୍ୟା ୪୦ ହଜାର ୮୬୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ବଆଁରପାଳ ବ୍ଲକରୁ ୧୭, ଅନୁଗୋଳ ବ୍ଲକରୁ ୧୩, ତାଳଚେର ବ୍ଲକରୁ ୧୧, ଅନୁଗୋଳ ପୌରପାଳିକାରୁ ୯, ଆଠମଲ୍ଲିକ ବ୍ଲକରୁ ୮, କଣିହାଁ ବ୍ଲକରୁ ୭, ପାଲଲହଡ଼ା ବ୍ଲକରୁ ୪, ତାଳଚେର ପୌରାଞ୍ଚଳରୁ ୩, ଛେଣ୍ଡିପଦା ବ୍ଲକରୁ ୩, କିଶୋରନଗର ବ୍ଲକରୁ ୨ ଓ ଆଠମଲ୍ଲିକ ଏନ୍‌ଏସିରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୧୮୯ ଜଣ କରୋନାରୁ ସୁସ୍ଥ ହୋଇଥିବାବେଳେ କରୋନାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଚୋରି ଗାଡ଼ି ଜବତ, ଜଣେ ଗିରଫ



**ଅନୁଗୋଳ ଅଫିସ, ୧୭:** ଅନୁଗୋଳ ଥାନା ତୁରଙ୍ଗ ଅଞ୍ଚଳରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଏକ ଟାଟା ଏସିଇକୁ ପୋଲିସ ଜବତ କରିଛି। ଏଥିସହ ଅଭିଯୁକ୍ତ ପରଜଙ୍ଗ ଥାନା ପଟାବାହାଲ ଗ୍ରାମର ତୁଷାର ଦଳାଇ(୩୦)ଙ୍କୁ ଗିରଫ କରାଯାଇଛି। ନଂ. ୩୩୩/୨୧ରେ ମାମଲା ରୁଜୁ ହୋଇଥିବା ବେଳେ ଏସ୍‌ଆଇ ଅବଦୁଲ ୱାସିମ୍ ଖାନ୍ ଅଧିକ ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ, ଅଭିଯୁକ୍ତ ତୁଷାର ପୂର୍ବରୁ ଏକ କମ୍ପାନୀରେ ରହି ଉକ୍ତ ଗାଡ଼ି ଚଳାଉଥିଲେ। କୌଣସି କାରଣରୁ ତାଙ୍କୁ ଚାକିରିରୁ ଛଟେଇ କରାଯାଇଥିଲା। କମ୍ପାନୀ ପକ୍ଷରୁ ଦରମା ମଧ ପ୍ରଦାନ କରାଯାଇ ନ ଥିଲା। ତେଣୁ ରାଗ ରଖି ସେ ଏପରି କରିଥିବା ତୁଷାର ପୋଲିସକୁ କହିଛନ୍ତି। ଗାଡ଼ି ଚୋରି ନେଇ ବୁଧବାର କମ୍ପାନୀର ସୁପରଭାଇଜର ଅମୀୟ ରଞ୍ଜନ ସାହୁ ଅଭିଯୋଗ କରିବା ପରେ ପୋଲିସ ତୁରନ୍ତ ପଦକ୍ଷେପ ନେଇ ଗାଡ଼ି ଜବତ କରିଛି।

### ୨ ହଜାର ମାସ୍କ ବଣ୍ଟନ


ଆଠମଲ୍ଲିକ ଥାନାକୁ ମାସ୍କ ପ୍ରଦାନ କରାଯାଉଛି।

**ବଇଣ୍ଡା/ ଆଠମଲ୍ଲିକ, ୧୭ (ଡି.ଏନ.ଏ.):** କିଶୋରନଗର ବ୍ଲକର ବଇଣ୍ଡା, କିଶୋର ନଗର, ହିମିତିରା, ବାମୁର, ଅଙ୍ଗପଡା ଆଦି ଗ୍ରାମରେ ସାମାଜିକ କର୍ମୀ ଅର୍ଜୁନ ସାହୁ ୧ ହଜାରରୁ ଉର୍ଦ୍ଧ୍ୱ ମାସ୍କ ବଣ୍ଟନ କରିଛନ୍ତି। ଏଥିସହ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ବାହାରକୁ ବାହାରିଲେ ମାସ୍କ ବ୍ୟବହାର କରିବା ପାଇଁ ସାହୁ ଗ୍ରାମବାସୀଙ୍କୁ ସଚେତନ କରିଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକ ସମେତ ଏନ୍‌ଏସି ଅଞ୍ଚଳରେ ସାମାଜିକ କର୍ମୀ ସାହୁଙ୍କ ପକ୍ଷରୁ ମାସ୍କ ବଣ୍ଟନ କରାଯାଇଛି। ଆଠମଲ୍ଲିକ ଥାନା, ଦୈନିକ ହାଟ, କୋର୍ଟ ପରିସର, ୭ ନଂ ୱାର୍ଡ ଲିପ୍ତିଙ୍ଗା ଗ୍ରାମ ଓ ଆଠମଲ୍ଲିକ ବ୍ଲକ ନଅଗାଁ, ଠାକୁରଗଡ଼, କିଆକଟା ପଞ୍ଚାୟତର ବିଭିନ୍ନ ଗ୍ରାମରେ ୧୧୦୦ ରୁ ଉର୍ଦ୍ଧ୍ୱ ମାସ୍କ ବଣ୍ଟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପିନା ପାଣିଗ୍ରାହୀ, ପ୍ରଦୀପ ସାହୁ, ଧବଳେଶ୍ୱର ଦେହୁରୀ, ପ୍ରସନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଏହି ମାସ୍କ ବଣ୍ଟନ କାର୍ଯ୍ୟ ଜାରି ରହିବ ବୋଲି ସାହୁ ପ୍ରକାଶ କରିଛନ୍ତି।

## ସ୍ୱତନ୍ତ୍ର ପରିବା ବଜାର, ପାର୍କିଂ ସ୍ଥାନ ପ୍ରସ୍ତାବ


ଜିଲାପାଳଙ୍କୁ ଭେଟି ପ୍ରସ୍ତାବ ଦେଉଛନ୍ତି ଜିଲା ଯୁବ ବିଜେଡି ସଭାପତି।

**ଅନୁଗୋଳ ଅଫିସ, ୧୭**

ଅନୁଗୋଳ ଜିଲା ସଦର ମହକୁମାରେ ଏକ ଅତ୍ୟାଧୁନିକ ଦୈନିକ ପରିବା ବଜାର ଓ ଗାଡ଼ି ପାର୍କିଂ ବ୍ୟବସ୍ଥା କରିବା ପାଇଁ ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଭେଟି ଏକ ପ୍ରସ୍ତାବ ଦେଇଛନ୍ତି। ପ୍ରଧାନ ଦର୍ଶାଇଛନ୍ତି ଯେ, ବ୍ୟାପକ ଶିଳ୍ପାୟନ ଯୋଗୁ ଅନୁଗୋଳ ସହରର ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଏଥିପାଇଁ ସଦର ବଜାର, ପରିବା ବଜାରରେ ଲୋକଙ୍କ ପ୍ରବଳ ଭିଡ ହେଉଛି। ଗାଡି ମୋଟର ରଖିବାକୁ ଉପଯୁକ୍ତ ସ୍ଥାନ ମିଳୁ ନ ଥିବାରୁ ଲୋକେ ରାସ୍ତା ମଝିରେ ପାର୍କିଂ କରୁଛନ୍ତି। ଫଳରେ ବଜାର ଦେଇ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଏହାକୁ ଦୃଷ୍ଟିରେ ରଖି ଚାଷୀ, ପରିବା ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବଜାର ଓ ପାର୍କିଂ ସ୍ଥାନ ନିର୍ମାଣ କରିବାକୁ ପ୍ରଧାନ ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି। ଏଭଳି ପ୍ରସ୍ତାବକୁ ଜିଲାପାଳ ସ୍ୱାଗତ କରିବା ସହ ଏ ଦିଗରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଜାତୀୟ ରାଜପଥ ନିର୍ମାଣ ପାଇଁ ପ୍ରଭାବିତ ହୋଇଥିବା ବଆଁରପାଳ ବ୍ଲକର ତୁଳସୀପାଳ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଯୁବ ବିଜେଡି ସଭାପତି ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି।

## ସେବା ପାଇଁ ସମ୍ବର୍ଦ୍ଧନା


କ୍ଲବ ପକ୍ଷରୁ ଡାକ୍ତର ଓ ସିଏଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଅନୁଗୋଳ ଅଫିସ, ୧୭**

ରୋଟାରି କ୍ଲବ ଅନୁଗୋଳ ରୟାଲ ତରଫରୁ ଗୁରୁବାର ଡାକ୍ତର ଦିବସ ପାଳନ କରାଯାଇଛି। ଏହି ଅବସରରେ କୋଭିଡ୍ ସମୟରେ ରୋଗୀ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ତ୍ରିଲୋଚନ ପ୍ରଧାନ, ଡା. ଦୀପକ ଗଡ଼ନାୟକ, ଡା. ଦେବାଶିଷ ପ୍ରଧାନ, ଡା. ଚୈତନ୍ୟ ମାରାଣ୍ଡି, ଡା. ପୂର୍ଣ୍ଣିମା ଉଦଗାତା, ଡା. ବିନୟ କୁମାର ନାଥ, ଡା. ପ୍ରଭାତ କୁମାର ପଣ୍ଡା, ଡା. ବିଛନ୍ଦ ପ୍ରଧାନ, ଡା. ବିଶ୍ୱଜିତ ସାମଲ, ଡା. କୁମାର ସୌମ୍ୟକାନ୍ତ ବିଶୋଇ, ଡା. ସତ୍ୟବ୍ରତ ପାଟଯୋଶୀ, ଡା. ଶ୍ୱେତା ସରଙ୍କୁ କ୍ଲବ ତରଫରୁ ସମ୍ମାନିତ କରାଯାଇଥିଲା। ସେହିପରି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ (ସି.ଏ. ଡେ) ଅବସରରେ ମନୋରଞ୍ଜନ ପ୍ରଧାନ, ସଞ୍ଜୀବ କୁମାର ଦେହୁରୀ ଏବଂ ରାଜେଶ କୁମାର ସରାଫଙ୍କୁ କ୍ଲବ ତରଫରୁ ସମ୍ମାନିତ କରାଯାଇଥିଲା। ନୂତନ ସଭାପତି ଅଶୋକ ମାଣ୍ଡୋଠିଆଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଅମ୍ବିକା ପ୍ରସାଦ ସାହୁ, ମୁରାରୀ ଅଗ୍ରୱାଲ, ରାଜେଶ ସରଳିଆ, ଜୟପ୍ରକାଶ ମୋଦି, କହ୍ନେୟା ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। କ୍ଲବ ତରଫରୁ ତାମ୍ରିତ କଲୋନୀ ନିକଟସ୍ଥ ଜରାଶ୍ରମର ସମସ୍ତ ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆ ଯାଇଥିଲା।

## ଡ୍ୟାମ୍ ତଳମୁଣ୍ଡରେ ଭାସିଗଲେ ଯୁବକ

**କଣିହାଁ, ୧୭ (ଡି.ଏନ.ଏ.)**

କଣିହାଁ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ରେଙ୍ଗାଲି ଡ୍ୟାମ୍ ତଳମୁଣ୍ଡରେ ଗାଧୋଉଥିବାବେଳେ ଗୁରୁବାର ଜଣେ ଯୁବକ ଭାସି ଯାଇଛନ୍ତି। ଖବରପାଇ କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଛନ୍ତି। ପ୍ରକାଶ ଯେ, ସମଲ ଥାନା ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମର ଟିକନ ମହାନ୍ତି(୪୫) ରେଙ୍ଗାଲିସ୍ଥିତ ଶ୍ୱଶୁର ଘରକୁ ଆସିଥିଲେ। ଅପରାହ୍ଣରେ ଡ୍ୟାମ୍‌ଠାରୁ ୪୦୦ ମିଟର ତଳମୁଣ୍ଡରେ ଜଣେ ସାଥୀଙ୍କ ସହିତ ଗାଧୋଉଥିବାବେଳେ ଭାସି ଯାଇଥିଲେ। ତାଙ୍କୁ ଉଦ୍ଧାର ପାଇଁ ଅନୁରୋଧ ପରେ ରେଙ୍ଗାଲି ଡ୍ୟାମ୍ କର୍ତ୍ତୃପକ୍ଷ ବିଦ୍ୟୁତ୍ ଉତ୍ପାଦନ ଗେଟ୍ ବନ୍ଦ ରଖିଥିଲେ। ୬ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ପତ୍ତା ନ ମିଳିବାରୁ ପୁନର୍ବାର ବିଦ୍ୟୁତ୍ ଉତ୍ପାଦନ ପାଇଁ ଗେଟ୍ ଖୋଲାଯାଇଛି। ଏ ନେଇ ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ନିଖୋଜଙ୍କ ସନ୍ଧାନ ମିଳିନାହିଁ। ଅଗ୍ନିଶମ ବିଭାଗ ଅଧିକାରୀ ରୋହିତ ବେହେରା କହିଛନ୍ତି, ଖବରପାଇ ଉଦ୍ଧାର କାର୍ଯ୍ୟ ପାଇଁ ଯାଇଥିଲୁ। ଲାଇଟ୍ ଅଭାବରୁ କାର୍ଯ୍ୟ ବନ୍ଦ କରିଛୁ। ଶୁକ୍ରବାର ଖୋଜାଖୋଜି କରାଯିବ।

## ପେଟ୍ରୋଲ ପମ୍ପରେ ମିଠା ବଣ୍ଟା

**ଅନୁଗୋଳ ଅଫିସ, ୧୭**

**ତୈଳ ଦର ବୃଦ୍ଧିର ଅଭିନବ ପ୍ରତିବାଦ**


ପୂର୍ବତନ କାଉନସିଲରମାନେ ପେଟ୍ରୋଲ ପମ୍ପରେ ମିଠା ବାଣ୍ଟୁଛନ୍ତି।

କ୍ରମାଗତ ଭାବେ ବଢ଼ୁଛି ତୈଳ ଦର। ଏହାକୁ ନେଇ ଏବେ ସବୁଠି ଅସନ୍ତୋଷ ଦେଖାଦେଲାଣି। ଅନୁଗୋଳ ଜିଲାରେ ପେଟ୍ରୋଲ ଲିଟର ପିଛା ଦର ୧୦୦ ଟଙ୍କା ଡେଇଁ ଯାଇଥିବା ବେଳେ ଡିଜେଲ ମଧ ୧୦୦ ଟଙ୍କା ଛୁଇଁବାକୁ ଯାଉଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶ ଛୁଆଁ ହେବାରେ ଲାଗିଛି। ତୈଳ ଦରରେ ଏପରି ବୃଦ୍ଧିକୁ ଅନୁଗୋଳର ପୂର୍ବତନ କଂଗ୍ରେସ କାଉନସିଲରମାନଙ୍କ ପକ୍ଷରୁ ଅଭିନବ ଉପାୟରେ ବିରୋଧ କରାଯାଇଛି। ପୂର୍ବତନ କାଉନସିଲ ବଲବୀର ସିଂହଙ୍କ ନେତୃତ୍ୱରେ ଗୁରୁବାର ଅନ୍ୟମାନେ ମୋଦିଙ୍କ ଅଚ୍ଛେ ଦିନର ନାରା ଦେଇ ସହର ପରିକ୍ରମା କରିଥିଲେ। ଏହାପରେ ପ୍ରତି ପେଟ୍ରୋଲ ପମ୍ପରେ ପହଞ୍ଚି କର୍ମଚାରୀମାନଙ୍କୁ ମିଠା ବାଣ୍ଟିଥିଲେ। କରୋନା ମହାମାରୀ ସମୟରେ ତୈଳ ଓ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି ପାଉଛି। ଖାଉଟି ସାମଗ୍ରୀ ମୂଲ୍ୟ ବଢ଼ୁଛି। ତେଣୁ ମୋଦିଙ୍କ ଏହି ଅଚ୍ଛେ ଦିନ ପାଳନ କରାଯାଉଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ଆଗକୁ ତୈଳ ଦର ବୃଦ୍ଧି ହେଲେ ଏଭଳି କାର୍ଯ୍ୟ ଜାରି ରହିବ ବୋଲି ପୂର୍ବତନ କାଉନସିଲର ସିଂହ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ନିରଞ୍ଜନ କର, ପ୍ରଶାନ୍ତ କୁମାର ନାୟକ, ଅନୁଗୋଳ ଜିଲା ଛାତ୍ର କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାହୁ, ମହିଳା କଂଗ୍ରେସ ନେତ୍ରୀ କସିଦା ଖାନ୍, ମାନସ ରଞ୍ଜନ ବିଶ୍ୱାଳ, ଜିତେନ୍ଦ୍ର ପଣ୍ଡା, ପିଣ୍ଟୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାର ଉନ୍ନତି ଉପରେ ଆଲୋଚନା

**ଅନୁଗୋଳ ଅଫିସ, ୧୭**

ଅନୁଗୋଳର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭାବେ ଯୋଗ ଦେଇଥିବା ଅଜୟ କୁମାର ପାତ୍ର ଓ ପ୍ରତିଭା ବାରିକଙ୍କୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଅନୁଗୋଳ ଶାଖା ପକ୍ଷରୁ ସ୍ୱାଗତ କରାଯାଇଛି। ଶାଖା କର୍ମକର୍ତ୍ତାମାନେ ଦୁଇ ଅଧିକାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଶିକ୍ଷାର ଉନ୍ନତି, ମୋ ସ୍କୁଲ ଅଭିଯାନର ସଫଳ ରୂପାୟନ, ୟୁଟ୍ୟୁବ ମାଧ୍ୟମରେ ଶିକ୍ଷା, ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀ ଅଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଓଷ୍ଟା ରାଜ୍ୟ ଉପସଭାପତି ସରୋଜ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ତରଣୀସେନ ସାହୁ, ଉପସଭାପତି ସସ୍ମିତା ଭଟ୍ଟାଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ଦୀପକ କୁମାର ସାହୁ, ଶିକ୍ଷା ପ୍ରତିନିଧି ଲଳିତ କୁମାର ବେହେରା, ଅଶୋକ କୁମାର ପ୍ରଧାନଙ୍କ ସହ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମଣ କୁମାର ବେହେରା ଓ ମୁଖ୍ୟ କିରାଣି ରୋହିତ କୁମାର ନାଥ ଉପସ୍ଥିତ ଥିଲେ।


ଓଷ୍ଟା ଅନୁଗୋଳ ଶାଖା କର୍ମକର୍ତ୍ତାମାନେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ କରୁଛନ୍ତି।

## ଚାଷୀ ସମସ୍ୟା ନେଇ ରାସ୍ତା ଅବରୋଧ



ରାଜପଥରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯାଉଛି।

**ଅନୁଗୋଳ ଅଫିସ, ୧୭**

ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା, ମଣ୍ଡିରୁ ଧାନ ଉଠି ନ ପାରି ଗଜାହେବା, କୁଇଣ୍ଟାଲ ପିଛା ୭ ରୁ ୧୦ କିଲୋ କଟ୍‌ନୀ ଛଟ୍‌ନୀ, କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରା ନ ଯିବା ଆଦିର ପ୍ରତିବାଦରେ ଅନୁଗୋଳ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଗୁରୁବାର ଅନୁଗୋଳ-ଦେବଗଡ଼ ୬୩ ନମ୍ବର ରାଜ୍ୟ ରାଜପଥ ଅବରୋଧ କରାଯାଇଥିଲା। ପୂର୍ବାହ୍ନ ୧୦ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଆନ୍ଦୋଳନ ଯୋଗୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା।

କୃଷକ ମୋର୍ଚ୍ଚା କର୍ମକର୍ତ୍ତାମାନେ ରାସ୍ତାରେ ବସି ରହିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାନା ସ୍ଲୋଗାନମାନ ଦେଇଥିଲେ। କୃଷକ ମୋର୍ଚ୍ଚା ଜିଲା ସଭାପତି ବିଜୟ ମାଝିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଯୋଗଦେଇ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତିର ସମାଲୋଚନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ପୃଷ୍ଟି, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା ଉପ ସଭାପତି ଚୌଧୁରୀ ପ୍ରଧାନ, ରୁଦ୍ର ମୋହନ ଦାସ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ, ଜିଲା ଯୁବମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁ, ସୁଜାତା ଦାସ, ନମିତା ଦଳ ବେହେରାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ପ୍ରତିବାଦରେ ସାମିଲ ହୋଇଥିଲେ।

## ଜିଲାପାଳଙ୍କୁ ଅଭିଯୋଗ କଲେ ବିଦ୍ୟାଳୟ କର୍ମଚାରୀ

**ବଆଁରପାଳ, ୧୭ (ଡି.ଏନ.ଏ.)**

ଅନୁଗୋଳ ଜିଲା ବଳରାମପ୍ରସାଦସ୍ଥିତ ଏକ ସ୍ୱତନ୍ତ୍ର ବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ସମ୍ପାଦିକାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର କର୍ମଚାରୀମାନଙ୍କୁ ଅନ୍ୟ କାର୍ଯ୍ୟରେ ଲଗାଯିବା ସହ ସାଦା କାଗଜରେ ଦସ୍ତଖତ କରିବାକୁ ବାଧ କରାଯାଉଛି। କେହି ପ୍ରତିବାଦ କଲେ ମିଥ୍ୟା ଅଭିଯୋଗର ଧମକ ଦିଆଯାଉଛି। ୫ ମାସ ହେଲା ସେମାନଙ୍କୁ ଦରମା ଦିଆଯାଉ ନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସ୍କୁଲ ସମ୍ପାଦିକା ରେଣୁବାଳା ସାହୁ କହିଛନ୍ତି, ସମସ୍ତ ଅଭିଯୋଗ ଭିତ୍ତିହୀନ। କର୍ମଚାରୀମାନେ ତାଙ୍କ ବିରୋଧରେ ଚକ୍ରାନ୍ତ କରି ଏପରି ଅଭିଯୋଗ କରିଛନ୍ତି। ଏ ନେଇ ସେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିବା ସମ୍ପାଦିକା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଢେଙ୍କାନାଳ କଲେଜ: ଅଗଷ୍ଟ ପ୍ରଥମ ସପ୍ତାହରେ ପରୀକ୍ଷା

**ଢେଙ୍କାନାଳ ଅଫିସ, ୧।୭:** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ପାଠ୍ୟକ୍ରମର ୬ଷ୍ଠ ସେମିଷ୍ଟର ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମର ୪ର୍ଥ ସେମିଷ୍ଟର ପରୀକ୍ଷା ଅଗଷ୍ଟ ପ୍ରଥମ ସପ୍ତାହରେ ଅନ୍‌ଲାଇନ୍ ମାଧ୍ୟମରେ ହେବ। କଲେଜର ବିଭାଗୀୟ ମୁଖ୍ୟଙ୍କୁ ନେଇ ଗୁରୁବାର ଆୟୋଜିତ ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସେହିପରି ୧ମ, ୨ୟ, ୩ୟ, ୪ର୍ଥ ଏବଂ ୬ଷ୍ଠ ସେମିଷ୍ଟରର ବ୍ୟାକ୍ ପେପର ପରୀକ୍ଷା ଜୁଲାଇ ୧୫ରୁ ଆରମ୍ଭ ହେବ। ୨୦୧୫, ୨୦୧୬, ୨୦୧୭ ଏବଂ ୨୦୧୮ରେ ନାମ ଲେଖାଇଥିବା ଛାତ୍ରୀଛାତ୍ର ଏବଂ ଫର୍ମପୂରଣ କରି ନ ଥିବା ପିଲାମାନେ ତୁରନ୍ତ ସେମାନଙ୍କ ବିଭାଗୀୟ ମୁଖ୍ୟଙ୍କ ସହ ଯୋଗାଯୋଗ କରିବାକୁ ପରୀକ୍ଷା ନିୟନ୍ତ୍ରକ ଜୟଦେବ ପାଢ଼ୀ ସୂଚନା ଦେଇଛନ୍ତି। ପରୀକ୍ଷା ସମ୍ପର୍କିତ ସମସ୍ତ ତଥ୍ୟ କଲେଜ ୱେବସାଇଟ୍ ଓ ବିଭାଗୀୟ ହ୍ୱାଟ୍‌ସଆପ୍ ଗ୍ରୁପରେ ଉପଲବ୍ଧ ରହିଛି। ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା କଲେଜ ଅଧକ୍ଷ ଡ. ରଶ୍ମି ମିଶ୍ର ସୂଚନା ଦେଇଛନ୍ତି।

### ୯୫ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୧।୭:** ଢେଙ୍କାନାଳ ଜିଲାରୁ ଗୁରୁବାର ୯୫ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ପରଜଙ୍ଗ ବ୍ଲକର ସର୍ବାଧିକ ୨୦ ଜଣ ରହିଥିବାବେଳେ ସଦର ବ୍ଲକର ୧୬, ହିନ୍ଦୋଳ ବ୍ଲକର ୧୬ ଏବଂ ଏନ୍‌ଏସିର ୨, ଢେଙ୍କାନାଳ ପୌରାଞ୍ଚଳର ୧୪, ଗଁଦିଆ ବ୍ଲକର ୧୨, ଓଡ଼ାପଡ଼ା ବ୍ଲକର ୯, କାମାକ୍ଷାନଗର ବ୍ଲକର ୧ ଓ ଏନ୍‌ଏସିର ୩ ଏବଂ ବିଭିନ୍ନ ଚିକିତ୍ସାଳୟରୁ ୨ଜଣ ରହିଛନ୍ତି। ଅପରପକ୍ଷେ ଗଁଦିଆ ବ୍ଲକ ନୂଆଗଡ଼ ଗ୍ରାମର ୩୭ ବର୍ଷୀୟା ଜଣେ ମହିଳାଙ୍କ କରୋନାରେ ମୃତ୍ୟୁ ଘଟିବା ପରେ ମୋଟ କୋଭିଡ୍ ମୃତ୍ୟୁସଂଖ୍ୟା ୬୫ ହୋଇଛି। ସେହିପରି ଦିନକରେ ୪୪ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ୭୭୩ ସକ୍ରିୟ ସଂକ୍ରମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### କ୍ରିକେଟ ଖେଳରୁ ଗଣ୍ଡଗୋଳ, ୨ ଆହତ

**କାମାକ୍ଷାନଗର, ୧।୭(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସାରୁଆଲି ପଞ୍ଚାୟତ ଖୋକ୍‌ସା ଗ୍ରାମରେ ଗୁରୁବାର ଅପରାହ୍ଣରେ କ୍ରିକେଟ ଖେଳ ଚାଲିଥିବାବେଳେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଆକ୍ରମଣ ପ୍ରତିଆକ୍ରମଣରେ ଧର୍ମେନ୍ଦ୍ର ପଧାନ (୩୪) ଏବଂ ପ୍ରଦୀପ ଗୋଚ୍ଛାୟତ (୨୫) ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ଲାଗି କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାରେ ଗ୍ରାମର କେତେଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି।

### ସ୍ଥାପନ ହେଲା ଗୋ-କୁଣ୍ଡ

**ଢେଙ୍କାନାଳ ଅଫିସ, ୧।୭:** ଢେଙ୍କାନାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେଶନ ପକ୍ଷରୁ ବୁଧବାର ଭାଗୀରଥି ସାଗର ହୁଡ଼ାରେ ଗୋ-କୁଣ୍ଡର ଶୁଭାରମ୍ଭ କରାଯାଇଛି। କରୋନା ସମୟରେ ବୁଲାଗୋରୁଙ୍କୁ ସଙ୍ଗଠନ ପକ୍ଷରୁ ଖାଇବା ଦିଆଯିବା ଲାଗି ବନ୍ଦୋବସ୍ତ କରାଯାଇଛି। ଏହାର ସ୍ଥାୟୀ ପ୍ରତିକାର କରିବା ଉଦ୍ଦେଶ୍ୟରେ ସହରର ବିଭିନ୍ନ ସ୍ଥାନରେ ଗୋ-କୁଣ୍ଡ ବସାଯାଉଛି। କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ପୂର୍ବତନ ନଗରପାଳ ରୁଦ୍ରାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧକ୍ଷ ଇଂ. ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ନିର୍ଦ୍ଦେଶକ ବିଜ୍ଞାନ ମହାନ୍ତି, ଇନ୍ଦ୍ରଜିତ ସାହୁ, ମନୋଜ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗାଧୁଆ ତୁଠ ନିର୍ମାଣ ନିମ୍ନମାନର

**କଣିହାଁ, ୧।୭(ଡି.ଏନ୍.ଏ.):** କଣିହାଁ ବ୍ଲକ ଗହମ ଗ୍ରାମ ନିକଟବର୍ତ୍ତୀ ବ୍ରାହ୍ମଣୀ ନଦୀକୂଳରେ ଜଳସମ୍ପଦ ବିଭାଗ ତରଫରୁ ନିର୍ମିତ ଗାଧୁଆ ତୁଠର ପାହାଚ କାର୍ଯ୍ୟ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାହାଚର ସାଇଡ ୱାଲ ଠିକ୍ ଭାବେ ତିଆରି କରାଯାଇନାହିଁ। କୌଣସି ସମୟରେ ଏହା ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଛି। ସେହିପରି ପାହାଚ ଜଳସ୍ତରଠାରୁ ବହୁତ ଉପରେ ରହିଛି। ଫଳରେ ତାହା ଜନସାଧାରଣଙ୍କ କାର୍ଯ୍ୟରେ ଆସିବ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ପାହାଚ ନିର୍ମାଣ ସରିଥିବାବେଳେ ନିର୍ମାଣ ସମ୍ପର୍କିତ ସୂଚନା ଫଳକ ଲାଗିନାହିଁ, ଯାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଗ୍ରାମବାସୀ ବ୍ରାହ୍ମଣୀ ଅବବାହିକା ସମଲ ବ୍ୟାରେଜ ମୁଖ୍ୟଯନ୍ତ୍ରୀ ନରେଶ ନାରାୟଣ ନାୟକଙ୍କୁ ଭେଟି ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ନିର୍ମାଣ କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ କରିବାକୁ ସେମାନେ ନିବେଦନ କରିଛନ୍ତି।

# ଦାୟିତ୍ୱବାନ ହୋଇ ବ୍ୟବସାୟ କର


ଆୟୋଜିତ ବୈଠକରେ ପ୍ରଶାସନିକ ଅଧିକାରୀ ଏବଂ ବଣିକ ସଂଘର କର୍ମକର୍ତ୍ତାମାନେ।

- ପ୍ରଶାସନ-ବଣିକ ସଂଘ ଆଲୋଚନା
- ସହଯୋଗ କାମନା କଲେ ଜିଲାପାଳ
- କଟକଣା ଭାଙ୍ଗିଲେ କାର୍ଯ୍ୟାନୁଷ୍ଠାନ

**ଢେଙ୍କାନାଳ ଅଫିସ, ୧।୭**

କରୋନା ଟେଷ୍ଟ ପଜିଟିଭିଟି ରେଟ୍ (ଟିପିଆର୍) ଆଧାରରେ ଢେଙ୍କାନାଳ ଜିଲା କ୍ୟାଟେଗୋରି-୧ ବର୍ଗକୁ ଆସିଛି। ଫଳରେ ଜୁଲାଇ ପହିଲାରୁ ଆହୁରି କୋହଳ ହୋଇଛି ଲକ୍‌ଡାଉନ କଟକଣା। ମଲ୍, ସ୍ପା, ପାର୍ଲର, ଜିମ୍ ବ୍ୟତୀତ ଅନ୍ୟ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନକୁ ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ଖୋଲିବାକୁ ଅନୁମତି ମିଳିଛି। ହେଲେ ଏବେ ବି ବିପଦ ସମ୍ପୂର୍ଣ୍ଣ ଟଳିନାହିଁ। ତେଣୁ ସୁରକ୍ଷିତ ଭାବେ ବ୍ୟବସାୟ କରିବା ସହିତ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ଉଭୟ ବ୍ୟବସାୟୀ ଏବଂ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରଶାସନ ଏବଂ ବଣିକ ସଂଘ ମଧ୍ୟରେ ଗୁରୁବାର ଅନୁଷ୍ଠିତ ସମନ୍ୱୟ ବୈଠକରେ ସଂକ୍ରମଣ ପ୍ରତିହତ କରିବା ନେଇ ବିଭିନ୍ନ ବିଷୟରେ ଆଲୋଚନା ହୋଇଛି।

ଜିଲାପାଳ ପରାମର୍ଶ ଦେଇ କହିଲେ, ଜୀବନ ସହିତ ଜୀବିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କରୋନା ସଂକ୍ରମଣ ବେଳେ ଏଥିଲାଗି ସମସ୍ତେ ଦାୟିତ୍ୱବାନ ହେବା ଆବଶ୍ୟକ। ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ସମସ୍ତଙ୍କ ଦାୟିତ୍ୱ। ସରକାରଙ୍କ ଗାଇଡ୍‌ଲାଇନ୍ ବାହାରକୁ ଯାଇ କାର୍ଯ୍ୟ କଲେ ବ୍ୟକ୍ତି ଏବଂ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦୋକାନ ବଜାରରେ ଅଯଥା ଭିଡ଼ ନ କରିବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ବ୍ୟବହାର, ସାନିଟାଇଜେଶନ ପ୍ରତି ବିଶେଷ ଭାବେ ଯତ୍ନବାନ ହେବା ଲାଗି ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ହୋଟେଲ ମାଲିକଙ୍କୁ ପାର୍ସଲ ବ୍ୟବସ୍ଥା କରିବାକୁ କୁହାଯାଇଛି। ସମସ୍ତ କଟକଣା ଏବଂ ନିୟମ ମାନି ବ୍ୟବସାୟ କରିବାକୁ ଜିଲା ବଣିକ ସଂଘର କର୍ମକର୍ତ୍ତାମାନେ ବୈଠକରେ ସମ୍ମତି ପ୍ରଦାନ କରିଛନ୍ତି।

ଅତିରିକ୍ତ ଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଚାମ୍ବର ଅଫ୍ କମର୍ସ ଏବଂ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ।

### ଜାରି ରହିବ ଟେଷ୍ଟିଂ, ଚଢ଼ାଉ

ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣ ସ୍ଥିତି ସ୍ୱାଭାବିକ ନ ହେବା ଯାଏ ଟେଷ୍ଟିଂ ଏବଂ ଚଢ଼ାଉ ଜାରି ରହିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଛନ୍ତି। ଗୁରୁବାର ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ହଲ୍‌ରେ ଭିଡିଓ କନ୍‌ଫରେନ୍ସରେ ଆୟୋଜିତ ସମୀକ୍ଷା ବୈଠକରେ ସମସ୍ତ ଉପଖଣ୍ଡର ଅଧିକାରୀଙ୍କ ସହିତ ଆଲୋଚନା କରି ଜିଲାପାଳ ଏହି ସୂଚନା ଦେଇଛନ୍ତି। ଜିଲାରେ ଟିକାକରଣ ଜାରି ରହିବ। ଅଙ୍ଗନୱାଡି ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଗୃହ ପରିଦର୍ଶନ କରି କୋଭିଡ୍ ଲକ୍ଷଣଯୁକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବେ। ପଜିଟିଭ୍ ଚିହ୍ନଟ ବ୍ୟକ୍ତିଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯିବ। ଆକ୍ରାନ୍ତଙ୍କ ନିୟମିତ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯିବ। ଗ୍ରାମାଞ୍ଚଳରେ ଗାଁ କଲ୍ୟାଣ ସମିତି, ସ୍ୱେଚ୍ଛାସେବୀ, ମୁଖିଆ, ଆଶା ଓ ଅଙ୍ଗନୱାଡି କର୍ମୀମାନେ ଲୋକଙ୍କୁ ସଚେତନ କରାଇବେ। ପୂର୍ବଭଳି ବିବାହ, ବ୍ରତ, ଜାନିଯାତ୍ରା, ପର୍ବପର୍ବାଣି ଉପରେ ଲାଗିଥିବା କଟକଣା ବଳବତ୍ତର ରହିବ। ନିୟମ ଖିଲାପ କରୁଥିବା ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ପୌର ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ, ଆପାତ୍‌କାଳିନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୀଡ଼ିତାଙ୍କୁ ଭେଟିଲେ ଜନପ୍ରତିନିଧି


ଛେଣ୍ଡିପଦା ଥାନାଧିକାରୀଙ୍କୁ ଭେଟିବାକୁ ଆସିଥିବା କଂଗ୍ରେସ କର୍ମକର୍ତ୍ତାମାନେ।

**ଛେଣ୍ଡିପଦା, ୧।୭(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ଅଞ୍ଚଳର ବଳାତ୍କାର ପୀଡ଼ିତା ଡାକ୍ତରାଣୀଙ୍କୁ ଗୁରୁବାର ଡାକ୍ତରଦିବସ ଅବସରରେ କଂଗ୍ରେସ ଏବଂ ଭାଜପା ନେତା ଭେଟି ସମବେଦନା ଜଣାଇଛନ୍ତି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଇଂ. ସସ୍ମିତା ବେହେରାଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି କୃତାର୍ଥ ଦେହୁରୀ, ବ୍ଲକ ମହିଳା ସଭାନେତ୍ରୀ ସୌଭାଗିନୀ ଗଡନାୟକ, ପପୁ ନାୟକ, ଅଶୋକ ପ୍ରଧାନ ପ୍ରମୁଖ ଏକ ପ୍ରତିନିଧି ଦଳ ପୋଲିସ ସହିତ ଆଲୋଚନା କରି ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଦେବାକୁ ଦାବି କରିଛନ୍ତି। ସେହିପରି ଅନୁଗୋଳ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତମଞ୍ଜରୀ ପ୍ରଧାନଙ୍କ ନେତୃତ୍ୱରେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଅଗସ୍ତି ବେହେରା, ଚୌଧୁରୀ ପ୍ରଧାନ, ସୁଦୀପ ଗଡ଼ନାୟକ ପ୍ରମୁଖ ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ପୋଲିସ ତୁରନ୍ତ ଗିରଫ କରିଥିବାରୁ ଥାନାଧିକାରୀଙ୍କୁ ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଧନ୍ୟବାଦ ଦେଇଛନ୍ତି।

# ଗୁଳିକାଣ୍ଡ ଘଟଣା, ୨ ଗିରଫ

**ବନ୍ତଲା, ୧।୭(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ବଡ଼କନ୍ତକୁଳ ଗ୍ରାମରେ ବୁଧବାର ରାତିରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୁଳିକାଣ୍ଡ ଘଟିଥିଲା। ଗ୍ରାମର ଶିଶିର ସାହୁଙ୍କ ଗୁଳିରେ ଅଖିଳ ବେହେରା ଗୁରୁତର ହୋଇଥିଲେ। ସେହିପରି ଶିଶିରଙ୍କ ବାପା ବିଶ୍ୱନାଥଙ୍କ ଟାଙ୍ଗିଆ ଚୋଟରେ ଟୁଟୁ ବେହେରା ଗୁରୁତର ହୋଇଥିଲେ। ଏ ନେଇ ଟୁଟୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୯୧/୨୧ ରେ ମାମଲା ରୁଜୁ କରିଥିଲା। ଗୁରୁବାର ଆଇଆଇସି ସୁମିତ୍ରା ପାତ୍ର ଅଭିଯୁକ୍ତ ବିଶ୍ୱନାଥ ଓ ଶିଶିରଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛନ୍ତି। ପୋଲିସ କହିଛି, ଶିଶିର ବନ୍ଧୁକ ଧରି ଟୁଟୁଙ୍କ ଘରକୁ ପଶୁଥିବା ସମୟରେ ଅଖିଳ ଅଟକାଇ ଥିଲେ। ସେହି ସମୟରେ ଶିଶିର ଗୁଳି ଫୁଟାଇବାରୁ ଅଖିଳଙ୍କ ହାତରେ ଗୁଳି ବାଜିଥିଲା। ସେହିପରି ଶିଶିରଙ୍କ ବାପା ବିଶ୍ୱନାଥ ଏକ ଟାଙ୍ଗିଆରେ ଟୁଟୁଙ୍କ ମୁଣ୍ଡକୁ ହାଣି ଦେବାରୁ ସେ ଗୁରୁତର ହୋଇଥିବା ପୋଲିସ ସୂଚନା ଦେଇଛି।

# ବିଦ୍ୟାଳୟ ସ୍ଥାପନ ପାଇଁ ଜାଗା ଚିହ୍ନଟ


ଜମି ଚିହ୍ନଟ କାର୍ଯ୍ୟ ପାଇଁ ଆସିଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ବଇଣ୍ଡା, ୧।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜମି ଚିହ୍ନଟ କରାଯାଇଛି। ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଉକ୍ତ ବିଦ୍ୟାଳୟ କ୍ଷତିଗ୍ରସ୍ତ ହେଉଥିବା ବେଳେ ଦୀର୍ଘ ୩ ବର୍ଷ ହେବ ଠିକାସଂସ୍ଥା ଏହି ଶିକ୍ଷାନୁଷ୍ଠାନ ନିର୍ମାଣ କରିବାରେ ବିଳମ୍ବ କରୁଥିଲା। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଅଭିଯୋଗ କରାଯାଇଥିଲା। ଏହାପରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ଆରମ୍ଭ ହୋଇଛି। ଉପଜିଲାପାଳ ଲଳିତ ମୋହନ ବେହେରା, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଏଲ୍‌ଏଓ ମନୀଷା ଗୁପ୍ତା, ସରପଞ୍ଚ ଜଳଧର ସାହୁ, ରମେଶ ଚନ୍ଦ୍ର ତିବ୍ରୀୱାଲା, ରମାକାନ୍ତ ବେହେରା, ଭଗବାନ ଘିୱାଲା, ରାଜେନ୍ଦ୍ର ରାଉତ, ଦୋଳ ମହାଳିକ ପ୍ରମୁଖ ବିଭିନ୍ନ ସ୍ଥାନରେ ଜମି ଚିହ୍ନଟ କରିଥିଲେ। ଖୁବ୍‌ଶୀଘ୍ର ବିଦ୍ୟାଳୟ ନିର୍ମାଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଛି।

## ଖଣି ବନ୍ଦ ଚେତାବନୀ

**କଣିହାଁ, ୧।୭(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ର କଣିହାଁ ଓସିପି କ୍ଷତିଗ୍ରସ୍ତ ଜରଡ଼ା ପଞ୍ଚାୟତର ମାଳପଶି ଗ୍ରାମ କମିଟି ତରଫରୁ ଗୁରୁବାର ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀ, ଖଣି ମହାପ୍ରବନ୍ଧକଙ୍କ ସମେତ ଜନପ୍ରତିନିଧିଙ୍କୁ ଦାବିପତ୍ର ଦିଆଯାଇଛି। ସମସ୍ୟାର ସମାଧାନ ନ ହେଲେ ଖଣିବନ୍ଦ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ମାଳପଶି ମୌଜାରେ ଖଣିଖାଦାନ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷହୋଇଛି। ୨୦୧୮ରୁ ଏମ୍‌ସିଏଲ୍ ଦ୍ୱାରା ସର୍ଭେ ଆରମ୍ଭ ହୋଇଥିଲା, ଯାହା ଅଧାରେ ଅଟକି ରହିଛି। ମାଳପଶି ଜନବସତିଠାରୁ ମାତ୍ର ୫୦୦ ମିଟର ଦୂରରେ କୋଇଲା ଖଣି ଖନନ, ପରିବହନ କରାଯିବା ଯୋଗୁ ପ୍ରଦୂଷଣ ସମସ୍ୟା ବଢ଼ିଛି। ବ୍ଲାଷ୍ଟିଂ ଯୋଗୁ ବାସଗୃହ କ୍ଷତିଗ୍ରସ୍ତ ହେଉଛି। କୂଅ, ପୋଖରୀରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ବାରମ୍ବାର ଆପତ୍ତି କରିବା ସତ୍ତ୍ୱେ ଖଣି କର୍ତ୍ତୃପକ୍ଷ ଏହାର ସମାଧାନ କରୁନାହାନ୍ତି। ଆସନ୍ତା ୧୯ ତାରିଖ ସୁଦ୍ଧା ଅଞ୍ଚଳରେ ବକେୟା ଥିବା ସର୍ଭେ କାର୍ଯ୍ୟ ଶେଷ, କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ, ଥଇଥାନ ଏବଂ ନିଯୁକ୍ତି ଲାଗି ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ୨୦ ତାରିଖରୁ ଖଣିବନ୍ଦ ଆନ୍ଦୋଳନ କରାଯିବ ବୋଲି ଗ୍ରାମ୍ୟ କମିଟିର ରୁଦ୍ରମୋହନ ମହାପାତ୍ର, ନୀଳକଣ୍ଠ ବେହେରା, ପ୍ରଦୀପ ମହାପାତ୍ର, ପ୍ରଭାସିନୀ ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସ୍ୱାସ୍ଥ୍ୟ ଯାଞ୍ଚ ଅଭିଯାନରେ ରାଜ୍ୟ ଅଧିକାରୀ


ରାଜ୍ୟସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଏକ ଗ୍ରାମରେ ସ୍ୱାସ୍ଥ୍ୟ ଯାଞ୍ଚ କାର୍ଯ୍ୟକ୍ରମ ଚାଲିଛି।

**ଢେଙ୍କାନାଳ ଅଫିସ, ୧।୭**

ଢେଙ୍କାନାଳ ଜିଲାରେ ମେ ୨୪ରୁ ଆରମ୍ଭ ହୋଇଥିବା ସ୍ୱାସ୍ଥ୍ୟ ଯାଞ୍ଚ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଅଧିକାରୀ ସାମିଲ ହୋଇଛନ୍ତି। ମଙ୍ଗଳବାର ସହକାରୀ ଜନସ୍ୱାସ୍ଥ୍ୟ ଓ ମାନସିକ ରୋଗ ବିଶେଷଜ୍ଞ ଡା. ପ୍ରମିଳା ବରାଳ ସଦର ବ୍ଲକ ବାଲ୍ୟାମ୍ବା ଉପକେନ୍ଦ୍ରର କାଶୀପୁର, ରାଇଡିହି, ଭାଗୀରଥିପୁର ଗ୍ରାମ ପରିଦର୍ଶନ କରିବା ସହିତ ସମ୍ପୃକ୍ତ ଅଞ୍ଚଳରେ କାର୍ଯ୍ୟରତ ଆଶା ଓ ଅଙ୍ଗନୱାଡିକର୍ମୀଙ୍କ ସହିତ ଘର ଘର ବୁଲି ଯାଞ୍ଚ କାର୍ଯ୍ୟର ତଦାରଖ କରିଥିଲେ। ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଗାଁ କଲ୍ୟାଣ ସମିତି ପରିଚାଳକ ସମରେନ୍ଦ୍ର ଶତପଥୀ, ସଦର ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଦେବାଶିଷ ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଡା. ବରାଳ ଢେଙ୍କାନାଳ ପୌରାଞ୍ଚଳ ୭ନଂ. ୱାର୍ଡର ବସ୍ତି ଅଞ୍ଚଳରେ ଲୋକଙ୍କ ସହିତ ଆଲୋଚନା କରିଥିଲେ।

ଅପରାହ୍ଣରେ ଭିଡିଓ କନ୍‌ଫରେନ୍ସରେ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନେଇ ଆୟୋଜିତ ସମୀକ୍ଷା ବୈଠକରେ ଅଭିଯାନରେ ହେଉଥିବା ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ, କୋଷାଗାର ପରିଚାଳକ ଧୀରେନ କୁମାର ନନ୍ଦ, ଡାଟା ମ୍ୟାନେଜର ଜିତେନ୍ଦ୍ର ସାହୁ, ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ସୌମ୍ୟରଞ୍ଜନ ରାଉତରାୟ, ସଂକ୍ରାମକ ରୋଗ ପରିଚାଳକ କଲ୍ଲୋଳ ଦାସ, ମାଇକ୍ରୋ ବାୟୋଲୋଜିଷ୍ଟ ନିଳିମା ଦାସ, ଭାଗୀରଥି ପାଣିଗ୍ରାହୀ, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କରୋନା ମହାମାରୀ ସମୟରେ ଜିଲାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ବସ୍ତିରେ ରହୁଥିବା ଲୋକଙ୍କ ମେ' ୨୪ରୁ ସ୍ୱାସ୍ଥ୍ୟ ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଆସନ୍ତା ଅଗଷ୍ଟ ୨୩ ଯାଏ ଚାଲିବ। ଅଭିଯାନ ଆନୁକୂଲ୍ୟରେ କରୋନା, ମ୍ୟାଲେରିଆ, ଡେଙ୍ଗୁ, ଯକ୍ଷ୍ମା, କୁଷ୍ଠ, ଡାଇବେଟିସ୍, ଉଚ୍ଚ ରକ୍ତଚାପ, କ୍ୟାନ୍‌ସର, ତରଳଝାଡ଼ା, ଶିଶୁ, ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯାଞ୍ଚ କରାଯାଉଛି।

## ଶିଶୁଗୃହକୁ ରାଶନ ସାମଗ୍ରୀ ପ୍ରଦାନ

**ଢେଙ୍କାନାଳ ଅଫିସ, ୧।୭**

ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁରସ୍ଥିତ ଆଦୃତା ଶିଶୁଗୃହକୁ ଜିଲା ରେଡ୍‌କ୍ରସ୍ ରାପିଡ୍ ରେସ୍‌ପନ୍ସ ଗ୍ରୁପ୍ ପକ୍ଷରୁ ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। କରୋନା ମହାମାରୀ କବଳରୁ ଶିଶୁ ଅନ୍ତେବାସୀଙ୍କୁ ସୁରକ୍ଷିତ ରଖିବା, ତୃତୀୟ ଲହର ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ଆଦି ବିଷୟରେ ଶିଶୁଗୃହ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଥିଲା। ଏହି ଉପଲକ୍ଷେ ଅନ୍ତେବାସୀଙ୍କୁ ମାସ୍କ, ସାନିଟାଇଜର, ସାବୁନ ପ୍ରଦାନ କରାଯିବା ସହ ଶିଶୁଗୃହକୁ ବିଶୋଧନ କରାଯାଇଥିଲା।

# କରୋନା ଉପରେ ସଚେତନତା

**ଛେଣ୍ଡିପଦା, ୧।୭(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ 'ଜୀବନ ସମ୍ଭବ ଫାଉଣ୍ଡେଶନ' ସହଯୋଗରେ କୋଭିଡ୍-୧୯ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ କରୋନା ସଂକ୍ରମଣରୁ ସୁରକ୍ଷା ରହିବା ଉପରେ ସଚେତନ କରାଇବା ସହିତ ମାସ୍କ, ସାନିଟାଇଜର ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ବିଳାସିନି ସାହୁ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଆଶିଷ ପାଣି ପ୍ରମୁଖ ଯୋଗ ଦେଇଥିଲେ। ସଂସ୍ଥାର କର୍ମକର୍ତ୍ତା ମନୋରଞ୍ଜନ ସାହୁ, ସରୋଜ ସେନାପତି, ପ୍ରତାପ ସାହୁ, ସୁରେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ରବୀନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।



ବିଧାୟକ ଜଣେ ବ୍ୟକ୍ତିଙ୍କୁ ମାସ୍କ ଏବଂ ସାନିଟାଇଜର ବଣ୍ଟନ କରୁଛନ୍ତି।

# ୯୮ ହଜାର ହେକ୍ଟରରେ ଖରିଫ ଧାନଚାଷ



**ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ**
- ୮୯ ହଜାର ୬୨୫ ହେକ୍ଟର ଜମିରେ ଅନ୍ୟ ଫସଲ
- ୧୫,୦୦୦ ମୃତ୍ତିକା ନମୁନା ପରୀକ୍ଷଣ ଲକ୍ଷ୍ୟ ଧାର୍ଯ୍ୟ
- ପ୍ରତି ବ୍ଲକର ୧୦ ପୋଖରୀ ହୁଡ଼ାରେ ହରଡ଼ଚାଷ

**ଢେଙ୍କାନାଳ ଅଫିସ, ୧।୭**

ଢେଙ୍କାନାଳ ଜିଲାରେ ଚଳିତ ଖରିଫ୍ ଋତୁରେ ୯୮ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯିବ। ୮୯ ହଜାର ୬୨୫ ହେକ୍ଟର ଜମିରେ ଅନ୍ୟ ଫସଲ ହେବ। ଏଥିସହ ପୋଖରୀ ହୁଡ଼ାରେ ଡାଲିଜାତୀୟ ଫସଲକୁ ପ୍ରୋତ୍ସାହନ ଦିଆଯିବା ସହ ଅନ୍ୟୂନ ୧୫,୦୦୦ ମୃତ୍ତିକା ନମୁନା ପରୀକ୍ଷା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବୁଧବାର ଖରିଫ୍ ଚାଷ ଲାଗି ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ କୃଷି ନିର୍ଦ୍ଧାରଣ କମିଟି ବୈଠକ-୨୦୨୧ରେ ଏହି ସୂଚନା ଦିଆଯାଇଛି।

ବୈଠକରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ଜିଲାରେ ସମନ୍ୱିତ କୃଷି, ଉଚ୍ଚ ଜମିରେ ଅର୍ଥକରୀ ଫସଲ, ଜଳସେଚନର ସୁବିନିଯୋଗ ଓ କ୍ଷେତ ପୋଖରୀ ଖନନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଜିଲାରେ ଭୂମି ପୋଷଣ ଅଭିଯାନରେ ମୃତ୍ତିକା ପରୀକ୍ଷାଗାରରେ ୧୦ ହଜାର ଏବଂ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାରରେ ୫ ହଜାର ନମୁନା ପରୀକ୍ଷା କରାଯିବ। ଚାଷୀ ଏବଂ କୃଷି ବିଭାଗ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଲାଗି ପ୍ରଶିକ୍ଷଣ ଦିଆଯିବ। କୃଷି ବୈଷୟିକ ପରିଚାଳନା ସଂସ୍ଥା ମାଧ୍ୟମରେ ପ୍ରତି ବ୍ଲକରେ ୧୦ ଜମି ସଂଲଗ୍ନ ପୋଖରୀ ହୁଡାରେ ହରଡ଼ ଚାଷ କରାଯିବାକୁ ସ୍ଥିର କରାଯାଇଛି। ଏଥିସହିତ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର, ଜାତୀୟ ଖାଦ୍ୟ ନିରାପତ୍ତା ମିଶନରେ ଡାଲିଜାତୀୟ ଚାଷକୁ ପ୍ରାଧାନ୍ୟ ଦେବାକୁ ଗୁରୁତ୍ୱ ଦିଆଯାଇଛି।

ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ସଚ୍ଚିଦାନନ୍ଦ ପଣ୍ଡା ଖରିଫ-୨୦୨୧ର କୃଷି କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଭାରପ୍ରାପ୍ତ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଏସ୍. ଗୌଶମା ଉଦ୍ୟାନ ବିଭାଗର ଖରିଫ୍ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, କୃଷି ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଜଳ ବିଭାଜିକା ମିଶନ ପ୍ରକଳ୍ପ ପରିଚାଳକ ପ୍ରଫୁଲ ପଢିଆରୀ, ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା. ଜଗନ୍ନାଥ ନନ୍ଦ, ଅଗ୍ରଣୀ ବ୍ୟାଙ୍କ ମୁଖ୍ୟ ପରିଚାଳକ ସାନୋଜ ସିଂ, ନାବାର୍ଡ ଏଜିଏମ୍ ଡ. ଜ୍ଞାନେନ୍ଦ୍ର ରାଉତଙ୍କ ସମେତ ସମସ୍ତ ବ୍ଲକର କୃଷି ଅଧିକାରୀ ଆଲୋଚନାରେ ଭାଗ ନେଇଥିଲେ। କୃଷି ଜିଲା ଅଧିକାରୀ ପ୍ରମୋଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

